# ବଜେଟକୁ ଉପରେ ମିଶ୍ର ପ୍ରତିକ୍ରିୟା

ଭୁବନେଶ୍ୱର, ତା୨୯।୨ (ଭୁ.ପ୍ର.)- କେନ୍ଦ୍ର ଅର୍ଥମନ୍ତ୍ରୀ ପି.ଚିଦମ୍ବରମଙ୍କ ଦ୍ୱାରା ଆଗତ କରାଯାଇଥିବା ୨୦୦୮-୦୯ ଆର୍ଥିକ ବର୍ଷ ପାଇଁ ବଜେଟ ଉପରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

**ଚାଷୀ ଓ ଗରିବଙ୍କ ବଜେଟ:ଜାନକୀ**

କେନ୍ଦ୍ର ସରକାରଙ୍କ ବଜେଟ ସବୁଦୃଷ୍ଟିରୁ ଗତ ଚାରି ବର୍ଷ ମଧ୍ୟରେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏକ ସର୍ବୋତ୍କୃଷ୍ଟ ବଜେଟ ବୋଲି ବିରୋଧୀ ଦଳ ନେତା ଜାନକୀବଲ୍ଲଭ ପଟ୍ଟନାୟକ ପ୍ରକାଶ କରିଛନ୍ତି । ସାଧାରଣ ବଜେଟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଚାଷୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଏ ବଜେଟରେ ବହୁ ପ୍ରଶଂସନୀୟ କାର୍ଯ୍ୟକ୍ରମ ରଖାଯାଇଛି । କ୍ଷୁଦ୍ର ଚାଷୀ ଓ ନାମମାତ୍ର ଚାଷୀଙ୍କ ୨୦୦୭ମସିହା ସୁଦ୍ଧା ସମସ୍ତ ଋଣ ଛାଡ କରାଯାଇଛି । ସେ ଦିଗରେ କେନ୍ଦ୍ର ସରକାର ୫୦ହଜାର କୋଟି ଟଙ୍କା ଛାଡ କରିଛନ୍ତି । ଶିକ୍ଷ କ୍ଷେତ୍ରରେ ଏକକାଳୀନ ପରିଶୋଧ ଯୋଜନା ଲାଗୁ ହେବା ଦ୍ୱାରା ସବୁ ଚାଷୀମାନେ ଲାଭବାନ ହେବେ ଏବଂ ଏ ଦିଗରେ ୧୦ହଜାର କୋଟି ଟଙ୍କା ସହାୟତା ରଖାଯାଇଛି ।ଶିଶୁ, ମହିଳା, ଛାତ୍ର, ଆଦିବାସୀ, ହରିଜନ, ପଛୁଆବର୍ଗ, ସଂଖ୍ୟାଲଘୁ ସମ୍ପ୍ରଦାୟ, ବରିଷ୍ଠ ନାଗରିକଙ୍କ ସମେତ ସମସ୍ତଙ୍କ ପାଇଁ ଏ ବଜେଟରେ ସାହାଯ୍ୟ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । କୃଷି ବିକାଶରେ ବ୍ୟାପକ ଜଳସେଚନ ପାଇଁ ଅର୍ଥ ବରାଦ କରାଯାଇଛି ବୋଲି ବିରୋଧୀ ଦଳର ନେତା ଉଲ୍ଲେଖ କରି ସେହିପରି ଶିକ୍ଷା କ୍ଷେତ୍ରରେ ସର୍ବଶିକ୍ଷା ଯୋଜନାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ଜାତୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଦ୍ୱାରା ଗରିବ ଜନତା ବିଶେଷ ଉପକୃତ ଓ ଲାଭବାନ ହେବେ । ଅଳ୍ପ ଆୟ କରୁଥିବା ବ୍ୟକ୍ତିଙ୍କୁ ଆୟକର ମଧ୍ୟ ବଢାଇ ଦିଆଯାଇଛି । ମୌଳିକ ଗବେଷଣା କ୍ଷେତ୍ରରେ ବିଭିନ୍ନ ସାହାଯ୍ୟ ଯୋଗାଇ ଦିଆଯାଇଛି । ଯେଉଁମାନେ ଦ୍ୱିତୀୟ ଶ୍ରେଣୀ ସହରମାନଙ୍କରେ ବା ଗ୍ରାମାଞ୍ଚଳରେ ଚିକିତ୍ସାଳୟ କରିବେ ସେମାନଙ୍କୁ ୫ବର୍ଷ ପର୍ଯ୍ୟନ୍ତ ଟିକସ ଦେବାକୁ ପଡିବ ନାହିଁ । ସେହିପରି ପର୍ଯ୍ୟଟନର ବିକାଶ ହୋଟେଲ ଟିକସରେ ପର୍ଯ୍ୟାପ୍ତ ସହାୟତା ଯୋଗାଇ ଦିଆଯାଇଛି । ସବୁ ଦୃଷ୍ଟିରୁ ଏ ବଜେଟ ଅଭିବୃଦ୍ଧି ସହିତ ଗରିବ ଜନତାର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଏବଂ ମୋଟାମୋଟି ଭାବେ ଏହା ଚାଷୀ ଓ ଗରିବଙ୍କ ବଜେଟ ବୋଲି ସେ ପ୍ରକାଶ କରିଛନ୍ତି ।

**ବଜେଟ ଏକ ଅପରିଣାମଦର୍ଶୀ, ଦୂରଦୃଷ୍ଟି ବିହୀନ, ନିର୍ବାଚନୀ ବଜେଟ୍:** ଚଳିତ କେନ୍ଦ୍ରୀୟ ବଜେଟ ଏକ ଅପରିଣାମଦର୍ଶୀ, ଦୂରଦୃଷ୍ଟିହୀନ, ନିର୍ବାଚନୀ ବଜେଟ ବୋଲି ଶିଳ୍ପ, ଗ୍ରାମ୍ୟ ଉନ୍ନୟନ ଓ ଆଇନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଏକ ପ୍ରତିକ୍ରିୟାରେ କହିଛନ୍ତି । ସେ କହିଛନ୍ତି ଯେ ଚଳିତ କେନ୍ଦ୍ରୀୟ ବଜେଟ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି । ବିତ୍ତୀୟ ନିଅଣ୍ଟ ଭରଣା କରିବାର କୌଣସି ବ୍ୟବସ୍ଥା ନାହିଁ । ବିଭିନ୍ନ ପ୍ରଦେଶରେ ବହୁ କୃଷକଙ୍କ ଆତ୍ମହତ୍ୟା ଓ ବିଫଳ କୃଷିନୀତିର ବଦନାମରୁ ମୁକୁଳିବା ପାଇଁ ୬୦ହଜାର କୋଟି ଟଙ୍କାର କୃଷିଋଣ ଛାଡ କରାଯାଇଛି । ବିହାର, ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶରେ କେବଳ ତିନୋଟି ଆଇଆଇଟି ପ୍ରତିଷ୍ଠା କରି ଓଡ଼ିଶା ପ୍ରତି ବୈମାତୃକ ଓ ପକ୍ଷପାତ ମନୋଭାବର ଜ୍ୱଳନ୍ତ ନିଦର୍ଶନ ଦେଖାଇଛନ୍ତି । ଜୀବନ ରକ୍ଷାକାରୀ ଔଷଧ ଉପରୁ ସମ୍ପୂର୍ଣ୍ଣ କରଛାଡ କରିବା ଉଚିତ ଥିଲା ସ୍ୱଳ୍ପ କାଳ ପୁଞ୍ଜିନିବେଶକାରୀମାନେ କ୍ଷତିଗ୍ରସ୍ତ ହେବେ । ମୋଟ ଉପରେ ଏହା ଏକ ନୈରାଶ୍ୟଜନକ ବଜେଟ ହୋଇଛି ବୋଲି ଶିଳ୍ପମନ୍ତ୍ରୀ କହିଛନ୍ତି ।

**କେନ୍ଦ୍ର ବଜେଟ ସର୍ବଜନକଲ୍ୟାଣକାରୀ:** ୨୦୦୮ରେ ଉପ ସରକାର ଯେଉଁ ବଜେଟ ଉପସ୍ଥାପନ କରିଛନ୍ତି ଏଥିରେ ସବୁ ଶ୍ରେଣୀର ଲୋକଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦିଆଯାଇଛି । ବିଶେଷ କରି କୃଷକମାନଙ୍କ ସମସ୍ୟାକୁ ସମାଧାନ କରିବା ଦିଗରେ ଅଗ୍ରାଧିକାର ଦିଆଯାଇଛି ବୋଲି ପିସିସି ସଭାପତି ଜୟଦେବ ଜେନା କହିଛନ୍ତି । କଂଗ୍ରେସ ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀ ଦେଶର ବିକାଶ, କୃଷକର ଅଭିବୃଦ୍ଧି, କୃଷିର ବିକାଶ ତଥା ଅବହେଳିତ ଲୋକଙ୍କ ବିକାଶ ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ଏହି ବଜେଟରେ ପ୍ରତିଫଳିତ ହୋଇଛି । ଦୀର୍ଘ ୬୦ବର୍ଷ ଭିତରେ ଏପରି ବଜେଟ କେବେ ଆଗତ ହୋଇନଥିଲା । ଏହି ବଜେଟ୍‌ରେ ୪କୋଟି ଚାଷୀଙ୍କୁ ୬୦ହଜାର କୋଟି ଟଙ୍କାର ସମୟବଦ୍ଧ ଋଣଛାଡ କରିବାର ବ୍ୟବସ୍ଥା ହୋଇଛି । ଏଥିରେ ୩କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୫୦ହଜାର କୋଟି ଟଙ୍କାର ଋଣ ଛାଡ କରାଯିବ । ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ବିଲୋପ ପାଇଁ ଯେଉଁ ଐତିହାସିକ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନା କରାଯାଇଛି ଏଥିରେ ଅଧିକ ୫୯୬ଟି ଜିଲାକୁ ଅନ୍ତର୍ଭୁକ୍ତ କରାଯାଇ ୧୬ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ସେ କହିଛନ୍ତି ।

## ‘ଶିଳ୍ପପତିଙ୍କୁ ଅଧିକ ଓ ଗରିବଙ୍କୁ କମ ଗୁରୁତ୍ୱ ଦିଆଯାଇଛି’

ଚଳିତବର୍ଷର କେନ୍ଦ୍ର ବଜେଟରେ କୃଷକମାନଙ୍କର ଋଣ ଛାଡ, ଅଙ୍ଗନବାଡି କର୍ମୀଙ୍କ ଭତ୍ତା ବୃଦ୍ଧି ଏବଂ ଓଡ଼ିଶା ପାଇଁ ଅନଗ୍ରସର ରାଜ୍ୟ ପାଣ୍ଠିରୁ ଅର୍ଥ ପ୍ରଦାନକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସ୍ୱାଗତ ଜଣାଉଛି, କିନ୍ତୁ ଏହି ତୁଳନାରେ ଶିଳ୍ପପତିମାନଙ୍କୁ ଅଧିକ ରିହାତି ଦିଆଯାଇଛି କୃଷକମାନଙ୍କୁ ୬୦ହଜାର କୋଟି ଟଙ୍କା ଋଣ ଛାଡ କରାଯାଇଥିବାବେଳେ ଶିଳ୍ପପତିମାନେ ୩ଲକ୍ଷ କୋଟି ଟଙ୍କା ରିହାତି ପାଇଛନ୍ତି । ଧନୀକ ଓ ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀକୁ ଖୁସ୍ କରିବା ପାଇଁ କାର, ଦୁଇ ଚକିଆ ଯାନ ଓ ହୋଟେଲ ଶିଳ୍ପ ଉପରୁ ଟିକସ ହ୍ରାସ କରାଯାଇଛି । ଏହି ବଜେଟରେ ପୁଞ୍ଜିପତିଙ୍କୁ ପଲାଉ, ଧନୀକ ଶ୍ରେଣୀକୁ ଲଡୁ, କୃଷକମାନଙ୍କୁ ଓ ମୂଲିଆମାନଙ୍କୁ ଚକୋଲେଟ ପ୍ରଦାନ କରିଛନ୍ତି ବୋଲି ରାଜ୍ୟ ସମ୍ପାଦକ ଦିବାକର ନାୟକ ପ୍ରକାଶ କରିଛନ୍ତି । ସେହିପରି ଏଆଇକେକେଏମ୍‌ଏସ୍ ପକ୍ଷରୁ କର୍ପୋରେଟ ହାଉସ, ପୁଞ୍ଜିପତି ଏବଂ କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପାଇଁ ପୂର୍ବବର୍ଷ ତୁଳନାରେ ଅଧିକ ଅର୍ଥ ବରାଦ ଏବଂ କୃଷିକ୍ଷେତ୍ର ମଜଦୁର ସଂଗଠନର ସମ୍ପାଦକ ରଘୁନାଥ ଦାଶଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ।

**ସାଧାରଣ ବଜେଟ ଲୋକଙ୍କ ମୁହଁରେ ହସ:** ୟୁପିଏ ସରକାରଙ୍କ ଦ୍ୱାରା ଉପସ୍ଥାପିତ ଚଳିତ ୨୦୦୮-୦୯ର ରେଳବଜେଟ ପରେ ପରେ ସାଧାରଣ ବଜେଟ ମଧ୍ୟ ଲୋକଙ୍କ ମୁହଁରେ ହସ ଫୁଟାଇ ପାରିଛି ବୋଲି ଶ୍ରୀ ଦାସ କହିଛନ୍ତି ।